# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL- 2011**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16.MAR & APR-2011.No-2

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on
**Radio Sri Lanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

**VOL - XVI KAKINADA MAR-APR-2011**

## ଖ୍ରୀଷ୍ଟଙ୍କ ସୁସମାଚାର
### (The Gospel of Christ)

'ସୁସମାଚାର' ଏହି ପଦର ଅର୍ଥ ଶୁଭ ସୁସମାଚାର ବା ଉତ୍ତମ ସମାଚାର (ରୋମୀୟ ୧୦ : ୧୫) । ଏହା ପ୍ରଥମେ ପ୍ରତିଜ୍ଞାତ ହୋଇଥିଲା, ତତ୍ପରେ ବ୍ୟସ୍ତବତାରେ ପ୍ରଚାରିତ ହୋଇଥିଲା । ଏହି ସୁସମାଚାର ଖ୍ରୀଷ୍ଟଦତ୍ତ ଓ ପାପୀମାନଙ୍କୁ ରକ୍ଷା କରିବା ନିମନ୍ତେ ଶକ୍ତି ଯୁକ୍ତ । ତେଣୁକରି ପାଉଲ କହନ୍ତି, "କାରଣ ମୁଁ ସୁସମାଚାର ବିଷୟରେ ଲଜ୍ଜ୍ୟାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀ ପକ୍ଷରେ ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ ।" (ରୋମୀୟ ୧:୧୬)

ପୁନର୍ବାର ଗାଲାତୀୟ ମଣ୍ଡଳୀକୁ ସେ ଲେଖନ୍ତି, "... ତାହା ଅନ୍ୟ ସୁସମାଚାର ସୁଦ୍ଧା ନୁହେଁ, କେବଳ କେତେକ ତୁମ୍ଭମାନଙ୍କୁ ଅସ୍ଥିର କରୁଅଛନ୍ତି ଓ ଖ୍ରୀଷ୍ଟଙ୍କ ସୁସମାଚାର ବିକୃତ କରିବାକୁ ଇଚ୍ଛା କରିଅଛନ୍ତି ।" (୧:୭) ତେଣୁକରି, ଖ୍ରୀଷ୍ଟଙ୍କର ସୁସମାଚାର ବ୍ୟତୀତ ଆଉ କୌଣସି ସୁସମାଚାର ଆମ୍ଭେମାନେ ପ୍ରଚାର କଲେ, ଶାପଗ୍ରସ୍ତ ହେବୁ । ତେବେ ଅନ୍ୟ ସୁସମାଚାରଗୁଡିକ କଅଣ ? ଆଜିର ଜଗତରେ ଅନେକେ "କେବଳ ଅନୁଗ୍ରହ", "ଛିଞ୍ଚା ବାପ୍ତିସ୍ମ" ପ୍ରଭୃତି ସୁସମାଚାର ପ୍ରଚାର କରୁଅଛନ୍ତି । ଏହିସବୁ ଅସତ୍ୟ ସୁସମାଚାର । ଖ୍ରୀଷ୍ଟଙ୍କ ସୁସମାଚାର ମାର୍କ ୧୬:୧୫, ୧୬ ପଦରେ ସରଳ ଭାବେ ବୁଝାଇ ଦିଆଯାଇଅଛି ।

ଅସତ୍ୟ ସୁସମାଚାରର ଆଜ୍ଞାବହମାନଙ୍କୁ, ଦଣ୍ଡ ଦେବା ନିମନ୍ତେ ଖ୍ରୀଷ୍ଟ ପୁନର୍ବାର ଏହି ଜଗତକୁ ଫେରି ଆସିବେ ବୋଲି ପାଉଲ ତାହାଙ୍କ ପତ୍ରିକା ଦ୍ୱାରା ସତର୍କ କରିଅଛନ୍ତି । "କାରଣ ପ୍ରଭୁଯୀଶୁ ଯେତେବେଳେ ଆପଣା ଶକ୍ତିମାନ ଦୂତମାନଙ୍କ ସହିତ ପ୍ରଜ୍ୱଳିତ

ସ୍ୱର୍ଗରୁ ପ୍ରକାଶିତ ହେବେ, ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କୁ ପ୍ରତିଫଳ ସ୍ୱରୂପେ କ୍ଳେଶଦେବା ଓ କ୍ଳେଶ ଭୋଗ କରିଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା ଏହା ତ ଈଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ, (୨ ଥେସଲନୀକି ୧:୬-୯) । ତେବେ ଜଣେ କିପରି ସୁସମାଚାରକୁ ଆଜ୍ଞାବହ ହୋଇ ପାରିବା ତାହା ଆମ୍ଭେମାନେ ପ୍ରଥମେ ବୁଝିବା ଆବଶ୍ୟକ ।

ପ୍ରଥମେ, ସୁସମାଚାରର ପ୍ରକୃତ ଅର୍ଥ କଅଣ ? ତାହା ଖ୍ରୀଷ୍ଟଙ୍କର ମରଣ, ସମାଧି ଓ ଉତ୍ଥାନର ବାର୍ତ୍ତା ଅଟେ । ସେପରି ପାଉଲ କହନ୍ତି "ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛି । ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି, ଯଦି ତୁମ୍ଭେମାନେ ତାହା ଦୃଢ ଭାବରେ ଧରିଥାଅ, ତେବେ ତାହା ପରିତ୍ରାଣ ପାଉଅଛ, ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି ସେଥିମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା, ଖ୍ରୀଷ୍ଟ ଶାସ୍ତ୍ରଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।" (୧ମ କରିନ୍ଥୀ ୧୫:୧-୪) । ପ୍ରକୃତରେ, ଏହି ବାକ୍ୟ ଉପରେ ସମସ୍ତ ବିଷୟ ନିର୍ଭର କରେ । ଏହି ବାକ୍ୟ ଉପରେ ଖ୍ରୀଷ୍ଟିୟାନ ଧର୍ମ ସ୍ଥାପିତ ହୋଇଅଛି । ତେଣୁକରି ଏହି ସତ୍ୟ ଆମ୍ଭମାନଙ୍କୁ ବିଶ୍ୱାସ କରିବା ଉଚିତ୍ ।

ଦ୍ୱିତୀୟରେ, ବାଇବଲରେ ଲିଖିତ ଆଜ୍ଞାଗୁଡିକ ଆମ୍ଭେମାନେ ପାଳନ କରିବା ଆବଶ୍ୟକ । ପାଉଲଙ୍କ ଅନୁଯାୟୀ "ବିଶ୍ୱାସ ଶ୍ରବଣରୁ ଜାତହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ଶ୍ରବଣ କରିବା ବାକ୍ୟ, ବିଶ୍ୱାସ କରିବା ଆମ୍ଭମାନଙ୍କର ଆବଶ୍ୟକ । ଯେପରି କୁହାଯାଏ, "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା ଏହା ତାହାଙ୍କ ଛାମୁକୁ ଆସିବାଲୋକର ବିଶ୍ୱାସ କରିବା ଆବଶ୍ୟକ ।" (ଏବ୍ରୀ ୧୧:୬) ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସକରି, ଆମ୍ଭମାନଙ୍କ ପାପ ବିଷୟରେ ମନ ପରିବର୍ତ୍ତନ କରିବା ଆବଶ୍ୟକ । ଖ୍ରୀଷ୍ଟ କହନ୍ତି, "ମୁଁ ତୁମ୍ଭମାନଙ୍କୁ କହୁଅଛି, ନା, କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।" (ଲୁକ ୧୩:୩) । ପୁନର୍ବାର ପାଉଲ କହନ୍ତି, "ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରି ଅଛନ୍ତି ସତ୍ୟ କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ

ଜଣାନ୍ତି" (ପ୍ରେରିତ ୧୭:୩୦) । ଆମ୍ଭେମାନେ ମନ ପରିବର୍ତ୍ତନ କଲାପରେ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଆବଶ୍ୟକ । ତେଣୁ ଯୀଶୁଖ୍ରୀଷ୍ଟ ନିଜେ କହିଅଛନ୍ତି "ଆଉ ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ" ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି" (ମାଥିଉ ୧୦: ୩୨) । ପ୍ରେରିତ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ନପୁଂସକ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ପରେ, ଫିଲିପ ତାହାଙ୍କୁ ବାପ୍ତିସ୍ମ ଦେଇ ପ୍ରେରିତ ପିତର, ପେଣ୍ଟିକଷ୍ଟ ଦିନରେ ସମାବେଶ ହୋଇଥିବା ଜନତାଙ୍କୁ ଏହିପରି ଉତ୍ତର ଦେଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) । ଯୀଶୁଖ୍ରୀଷ୍ଟ କହିଅଛନ୍ତି, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) । ଖ୍ରୀଷ୍ଟଙ୍କର ଏହି ଆଜ୍ଞାଗୁଡ଼ିକ ପାଳନ କରିବା ଦ୍ୱାରା, ଆମ୍ଭେମାନେ ତାହାଙ୍କ ମଣ୍ଡଳୀରେ ଯୋଗ କରାଯାଇଥାଉ (ପ୍ରେରିତ ୨:୪୭) । ପରିତ୍ରାଣର ମାର୍ଗ ଏତେ ସରଳ ବୋଲି ମନେ କରି, ସେଥିରେ ଆପଣା ଆପଣା ସ୍ୱନୀତି ଓ ନିୟମ ମିଳିତ କରିଥାନ୍ତି । ଶେଷରେ, ପରିତ୍ରାଣ ପାଇବା ନିମନ୍ତେ ଅନେକ ଜଟିଳ ମାର୍ଗରେ ଗମନ କରନ୍ତି । ଏହି ପ୍ରକାର କାର୍ଯ୍ୟରେ ଈଶ୍ୱର ସନ୍ତୁଷ୍ଟ ନୁହନ୍ତି । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ କେବଳ ଏକ ମାତ୍ର ମାର୍ଗ ଅଛି । (ଯୋହନ ୧୪:୬, ଯାକୁବ ୧:୧୧) ।

ତୃତୀୟରେ, ସୁସମାଚାର ଅନେକ ପ୍ରତିଜ୍ଞା ଯୁକ୍ତ । ଆମ୍ଭେମାନେ ଆମ୍ଭମାନଙ୍କର ମରଣ ପର୍ଯ୍ୟନ୍ତ ତାହାଙ୍କ ନାମରେ ବିଶ୍ୱାସ କରିବା ଆମ୍ଭମାନଙ୍କର ପାପଠାରୁ ମୁକ୍ତି (ପ୍ରେରିତ ୨:୩୮) ପବିତ୍ର ଆତ୍ମାରୂପେ ବରଦାନ (ପ୍ରେରିତ ୨:୩୮, ୨୧:୯) ତାହାଙ୍କୁ ଆରାଧନା କରିବାକୁ ଯୋଗ୍ୟତା (ଯୋହନ ୪; ୨୨,୨୪), ଖ୍ରୀଷ୍ଟଙ୍କଠାରେ ଥିବା ସମସ୍ତ ଆତ୍ମିକ ଆଶୀର୍ବାଦ (ଏଫିସୀ ୧:୩) ଏବଂ ଅନନ୍ତ ଜୀବନର ଭରସା ପାଇ ପାରିଥାଉ । ବିଶ୍ୱାସ ଆଜ୍ଞାବହତା ବିନା ଆମ୍ଭମାନଙ୍କର ଜୀବନ ବୃଥା ।

ବିଶ୍ୱାସକରି, ବାସ୍ତବତାକୁ ଗ୍ରହଣ କରି, ଖ୍ରୀଷ୍ଟଙ୍କର ଆଜ୍ଞାଗୁଡ଼ିକ ପାଳନ କରିବା ହିଁ ଖ୍ରୀଷ୍ଟଙ୍କର ପ୍ରକୃତ ସୁସମାଚାର, ଯେଉଁମାନେ ତାହାଙ୍କୁ ଆଜ୍ଞା ପ୍ରେମ କରି ପାଳନ କରନ୍ତି, ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କର ଅନୁଗ୍ରହ ବର୍ତ୍ତେ । ସେ ସମସ୍ତ ମନୁଷ୍ୟଜାତିକୁ ତାହାଙ୍କ ନିକଟକୁ ଆହ୍ୱାନ କରନ୍ତି, ତେଣୁକରି ଆସ, ତାହାଙ୍କ ନିକଟକୁ ଯାଇ ତାହାଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେଉ ।

- J.C. Choate

# ଆଜିର ମନୁଷ୍ୟଙ୍କୁ ପବିତ୍ର ଆତ୍ମା କିପରି ପ୍ରଭାବିତ କରେ ?
## (How does the Holy Spirit influence Man Today ?)

ଏହି ପ୍ରଶ୍ନର ଉତ୍ତର ଆଜିର ମନୁଷ୍ୟ ସମାଜକୁ ବ୍ୟତିବ୍ୟସ୍ତ କରୁଅଛି । ପବିତ୍ର ଆତ୍ମାଙ୍କ ପ୍ରଭାବ ବିଷୟରେ ଈଶ୍ୱରଙ୍କ ବାକ୍ୟ ସୁସ୍ପଷ୍ଟ କରୁଥିବାରୁ, ଏ ବିଷୟରେ ବାଦବିବାଦ କରିବା ପ୍ରୟୋଜନ ନୁହେଁ । ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ଥାନ ପରେ ପବିତ୍ର ଆତ୍ମା ଏହି ଜଗତରେ ଅବତରଣ କରି ପାପ, ଧାର୍ମିକତା ଓ ବିଚାର ବିଷୟରେ ପ୍ରମାଣ ଦେବେ ବୋଲି ସେ ଆପଣା ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ । (ଯୋହନ ୧୬:୮) ତେବେ ପବିତ୍ର ଆତ୍ମା କିପରି ପାପ ବିଷୟରେ ମନୁଷ୍ୟଙ୍କୁ ପ୍ରମାଣ ଦେବେ ? ନୂତନ ନିୟମରେ ଏହାର ଉତ୍ତର ପାଇପାରିବା ?

ସ୍ୱର୍ଗାରୋହଣ ପୂର୍ବେ ଯୀଶୁଖ୍ରୀଷ୍ଟ ପବିତ୍ର ଆତ୍ମାଙ୍କ ଅବତରଣ ପର୍ଯ୍ୟନ୍ତ ଶିଷ୍ୟମାନଙ୍କୁ ଯିରୂଶାଲମରେ ଅପେକ୍ଷା କରିବା ନିମନ୍ତେ ଆଜ୍ଞା ଦେଇଥିଲେ । (ଲୂକ ୨୪:୪୯, ପ୍ରେରିତ ୧:୪-୮ ଯୋହନ ୧୪:୧୬) ତାହାଙ୍କ ଆଜ୍ଞାନୁଯାୟୀ ଶିଷ୍ୟମାନେ ଯିରୂଶାଲମର ଏକ ଉପର କୋଠରୀରେ ଅପେକ୍ଷା କରୁଥିବା ସମୟରେ ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମାଙ୍କ ଅବତରଣ ହୋଇଥିଲା । ପ୍ରେରିତ ୨:୧-୪) ପବିତ୍ର ଆତ୍ମାଙ୍କ ଅଧିକାର ପ୍ରାପ୍ତ ହୋଇ ଶିଷ୍ୟମାନେ ସୁସମାଚାର ଶକ୍ତି ସହ ପ୍ରଚାର କରିଥିଲେ । ପ୍ରେରିତ ୨:୧୪-୩୬) ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଉପସ୍ଥିତ ଜନତା କିପରି ଆପଣା ଆପଣା ପାପର ବୋଧ ପାଇଥିଲେ ପ୍ରେରିତ ୨:୩୭ ପଦରୁ ଜାଣିପାରୁ । ଯାହା କହେ, ''.......ଏହି କଥା ଶୁଣି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା....'' ପ୍ରଚାରିତ ସୁସମାଚାର ଶ୍ରବଣ ଦ୍ୱାରା ପବିତ୍ର ଆତ୍ମା ସେମାନଙ୍କ ଅନ୍ତରରେ କାର୍ଯ୍ୟ କରିଥିଲେ । ଯେହେତୁ, ''.......ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।'' (ରୋମୀୟ ୧୦:୧୭) କେବଳ ପେଣ୍ଟିକଷ୍ଟ ଜନତା ମାତ୍ର ନୁହେଁ, କିନ୍ତୁ ସୁସମାଚାର ଶ୍ରବଣ, ବିଶ୍ୱାସ, ମନ ପରିବର୍ତ୍ତନ, ସ୍ୱୀକାର ଦ୍ୱାରା ଶମୀରୋଣୀୟମାନେ (ପ୍ରେରିତ ୮,୫-୧୨), କୂଶଦେଶୀୟ ନପୁଂସକ (ପ୍ରେରିତ ୮:୨୬-୪୦), ତାର୍ଷବାସୀ ଶାଉଲ (ପ୍ରେରିତ ୯:୬, ୨୨:୧୬) କର୍ଣ୍ଣଲୀୟ (ପ୍ରେରିତ ୧୦:୬, ୩୪:୪୮, ୧୧:୪୪), ଲୂଦିଆ (ପ୍ରେରିତ

୧୬:୧୪,୧୫) କରନ୍ଥୀୟମାନେ (ପ୍ରେରିତ ୧୮:୫-୮) ଏବଂ ଏଫିସୀମାନେ (ପ୍ରେରିତ ୧୯:୧-୫), ପରିତ୍ରାଣ ପ୍ରାପ୍ତ ହୋଇଥିଲେ । ଯେଉଁମାନେ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆକାଂକ୍ଷିତ ଥିଲେ, ସେମାନେ ପ୍ରତ୍ୟେକଙ୍କୁ ପବିତ୍ର ଆତ୍ମା ଆପଣା ବାକ୍ୟ ମାଧ୍ୟମରେ ପ୍ରଭାବିତ କରିଥିଲେ ।

ପବିତ୍ର ଆତ୍ମା ଅଦ୍ଭୁତଭାବେ ମନୁଷ୍ୟର ହୃଦୟରେ କାର୍ଯ୍ୟ କରିବା ବିଷୟ, ନୂତନ ନିୟମରେ ଲିଖିତ ହୋଇନାହିଁ । ଏହି ସିଦ୍ଧାନ୍ତ ପରମେଶ୍ୱରଙ୍କୁ ପକ୍ଷପାତୀ କରେ । ଯେହେତୁ ଯେଉଁମାନେ ପରିତ୍ରାଣ ପ୍ରାପ୍ତ ହୋଇ ନାହାନ୍ତି, ସେମାନେ ପବିତ୍ର ଆତ୍ମାଙ୍କ ଅଦ୍ଭୁତ ଶକ୍ତି ସେମାନଙ୍କୁ ପ୍ରେରଣ କରାଯାଇ ନାହିଁ ବୋଲି ଯୁକ୍ତି କରିପାରନ୍ତି । ପରମେଶ୍ୱର ପକ୍ଷପାତୀ ନୁହଁନ୍ତି ବୋଲି ପ୍ରେରିତ ୧୦:୩୪,୩୫ ଓ ରୋମୀୟ ୨:୧୧ ପଦରେ ପଢ଼ିଥାଉଁ । ଶ୍ରବଣ କରିଥିବା ସୁସମାଚାର ଗ୍ରାହ୍ୟ କରିବା କିଅବା ଅଗ୍ରାହ୍ୟ କରିବା ମନୁଷ୍ୟ ସ୍ୱଇଚ୍ଛାଧୀନ ଅଟେ । ସ୍ତିଫାନଙ୍କ ପ୍ରଚାରିତ ବାକ୍ୟ ଅଗ୍ରାହ୍ୟ କରିବା ଲୋକେ ପବିତ୍ର ଆତ୍ମାଙ୍କୁ ପ୍ରତିରୋଧ କରିଥିଲେ ବୋଲି ପ୍ରେରିତ ୭:୫୧ ପଦରେ ପଢ଼ିଥାଉଁ । ଆଜି ମଧ୍ୟ ଯେଉଁମାନେ ପ୍ରଚାରିତ ବାକ୍ୟର ଆଜ୍ଞାବହ ହେଉନାହାନ୍ତି, ସେମାନେ ପବିତ୍ର ଆତ୍ମାଙ୍କ ପ୍ରଭାବକୁ ପ୍ରତିରୋଧ କରୁଅଛନ୍ତି ।

ମନୁଷ୍ୟ ଯେପରି ଏକ କୁରାଢ଼ି ମାଧ୍ୟମରେ ଏକ ବୃକ୍ଷକୁ କାଟେ, ପବିତ୍ର ଆତ୍ମା ପାପୀ ତଥା ଧାର୍ମିକ ମାନଙ୍କ ହୃଦୟ ସ୍ୱର୍ଶ କରନ୍ତି ।

**- B.J. Clarke**

❃❃❃

# ବିଚାରଦିନର କେତୋଟି ବିସ୍ମୟ !

## (Some Judgement Day Surprises)

ମରଣ ଓ ବିଚାର ଏହି ଦୁଇ ବିଷୟ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ନିର୍ଦ୍ଦିଷ୍ଟ ନିଯୁକ୍ତି । (ଏବ୍ରୀ ୯:୨୭) । ଈଶ୍ୱରଙ୍କ ବାକ୍ୟ ଅଜ୍ଞାନୀମାନେ ମଧ୍ୟ ଏହି ବିଷୟଜ୍ଞାତ ଅଟନ୍ତି । ବିଚାରଦିନରେ ଘଟିବାକୁ ଯାଉଥିବା ବିଷୟଗୁଡ଼ିକ ଅନେକଙ୍କୁ ବିସ୍ମୟାନ୍ୱିତ କରିବ । ସୂନୀତିପରମାନେ ବିସ୍ମିତ ହେବେ ।

ଆପଣା ଦୃଷ୍ଟିରେ ଆପେ ଧାର୍ମିକ ମନେ କରୁଥିବା ବ୍ୟକ୍ତିମାନେ ଖ୍ରୀଷ୍ଟଙ୍କ ରକ୍ତର ଆବଶ୍ୟକତା ଅନୁଭବ କରିନଥାନ୍ତି । ସେମାନେ ସେମାନଙ୍କ ଧାର୍ମିକତା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇପାରନ୍ତି ବୋଲି ମନେ କରନ୍ତି । କିନ୍ତୁ ବାକ୍ୟ କହେ,'' ସମସ୍ତେ ତ' ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।'' (ରୋମୀୟ ୩:୨୩) । ପରମେଶ୍ୱରଙ୍କ ଅନୁଗ୍ରହ ଓ ଆମ୍ଭମାନଙ୍କ ସତ୍‌କ୍ରିୟା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇଥାଉଁ । (ଏଫିସୀ ୨:୧-୯)

**କେବଳ ବିଶ୍ୱାସ ଦ୍ୱାରା ରକ୍ଷା ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରୁଥିବା ପ୍ରତ୍ୟେକେ ବିସ୍ମିତ ହେବେ !**

ଆମ୍ଭମାନଙ୍କ ବିଶ୍ୱାସ ଆମ୍ଭମାନଙ୍କୁ ଶୟତାନ ଠାରୁ ଧାର୍ମିକ ପରିଗଣିତ କରେ ନାହିଁ, କାରଣ ଭୂତମାନେ ମଧ୍ୟ ଈଶ୍ୱରଙ୍କ ଠାରେ ବିଶ୍ୱାସ କରି ଥରହର ହୁଅନ୍ତି । (ଯାକୁବ ୨:୧୪) କର୍ମବିନା ବିଶ୍ୱାସ ନିଷ୍ଫଳ । ବିଶ୍ୱାସ ସହିତ ଖ୍ରୀଷ୍ଟିୟ କର୍ମ ଆମ୍ଭମାନଙ୍କୁ ରକ୍ଷା କରେ । (ଯାକୁବ ୨:୧୪-୧୯) କର୍ମ ବିନୁ ବିଶ୍ୱାସ ମୃତ ।

**ଅଳସୁଆମାନେ ବିସ୍ମିତ ହେବେ !**

ଅଳସୁଆ ଖ୍ରୀଷ୍ଟିୟାନମାନେ ପ୍ରକୃତ ଖ୍ରୀଷ୍ଟିୟାନ ନୁଅନ୍ତି । ଅଳସୁଆମାନେ ଅଧର୍ମୀ ରୂପେ ପରିଗଣିତ ହେବେ । ପ୍ରଭୁଙ୍କ ଠାରୁ ଏକ ତୋଡ଼ା ପ୍ରାପ୍ତ ଦାସ ଏକ ଅଳସୁଆ ଦାସ ଥିଲା । ମିଥ୍ୟାବଦୀ ଓ ଚୋରମାନଙ୍କ ସଦୃଶ୍ୟ ଅଳସୁଆମାନେ ମଧ୍ୟ ନିତ୍ୟ ଅଗ୍ନିରେ ବିତାଡ଼ିତ ହେବେ । (ମାଥିଉ ୨୫:୧୪-୩୦) ଅଳସାମୀ ବ୍ୟତୀତ ଅନ୍ୟ କାରଣରୁ ସେହି ଦାସ ନରକରେ ପତିତ ହୋଇନଥିଲା ।

**ଉଷତୃଷ୍ଣ ମଣ୍ଡଳୀଗୁଡ଼ିକ ବିସ୍ମିତ ହେବେ ।**

ଉଷତୃଷ୍ଣ ଲାଅଦିୟା ମଣ୍ଡଳୀ ଆପଣାକୁ ଉଷତୃଷ୍ଣ ଖ୍ରୀଷ୍ଟମାନଙ୍କୁ ଈଶ୍ୱର ଆପଣା ମୁଖରୁ ଉଦ୍‌ଗାର କରିବେ । ଆତ୍ମିକ ବିଷୟରେ ଉଷତୃଷ୍ଣ ହେବା, କର୍କଟ ରୋଗରେ ଆକ୍ରାନ୍ତ ମନୁଷ୍ୟ ଆପଣା ରୋଗ ବିଷୟରେ ଅବହେଳା କରିବା ସଦୃଶ୍ୟ । ଆପଣଙ୍କ ମନର ଭାବନା କଳ୍ପନା ଆପଣଙ୍କୁ ଭ୍ରଷ୍ଟ କରିଦେବ ।

**ଆପଣା ଜିହ୍ୱାକୁ ବଶୀଭୂତ ନ କରିବା ଲୋକେ ବିସ୍ମିତ ହେବେ :**

ଯାକୁବଙ୍କ ଅନୁଯାୟୀ, ''ଯଦି କେହି ଆପଣାକୁ ଧର୍ମପରାୟଣ ମନେ କରେ, ଆଉ ଆପଣା ଜିହ୍ୱାକୁ ବଶୀଭୂତ ନ କରି ନିଜ ହୃଦୟକୁ ପ୍ରବଞ୍ଚନା କରେ ତାହାର ଧର୍ମ ପରାୟଣତା ବୃଥା (ଯାକୁବ ୧:୨୦) । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଜିହ୍ୱାକୁ ଉପଯୁକ୍ତ ଭାବରେ ବ୍ୟବହାର କରି ନ ଥାଉଁ । ଯାହା ଅନେକ ବିନାଶର କାରଣ ଅଟେ । ଏହି ଜଗତ ବ୍ୟର୍ଥ ଓ ଅସାର କଥାରେ ପରିପୂର୍ଣ୍ଣ । ମନୁଷ୍ୟମାନଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ଅସାର କଥାର ହିସାବ ପରମେଶ୍ୱର ରଖୁଅଛନ୍ତି ।

**ମନୁଷ୍ୟର ପ୍ରଥା ଅନୁସରଣକାରୀମାନେ ବିସ୍ମିତ ହେବେ :**

ମନୁଷ୍ୟର ପ୍ରଥା ଓ ନୀତିନିୟମ ଆମ୍ଭମାନଙ୍କ ଧର୍ମ କଳୁଷିତ କରେ । (ମାର୍କ ୭:୭) ଈଶ୍ୱରଙ୍କ ବାକ୍ୟର ସତର୍କତା ସତ୍ତ୍ୱେ ମନୁଷ୍ୟମାନଙ୍କ କୁଶିକ୍ଷା ଈଶ୍ୱରଙ୍କ ବାକ୍ୟକୁ କଳୁଷିତ କରୁଥାଏ । ଈଶ୍ୱରଙ୍କ ଶିକ୍ଷାରୁ ଆପଣା ଶିକ୍ଷା ଉଚ୍ଚତର ବୋଲି ଅନେକଙ୍କ ବ୍ୟର୍ଥ ମନୋଭାବ । ସିଦ୍ଧ, ପବିତ୍ର ବାଇବଲ ହିଁ ମନୁଷ୍ୟର ଏକମାତ୍ର ମାର୍ଗଦର୍ଶୀ । (୨ୟ ତୀମଥି ୩:୧୬-୧୭)

**ଈଶ୍ୱରଙ୍କ ବାକ୍ୟ ଶ୍ରବଣକାରୀମାନେ ବିସ୍ମିତ ହେବେ :**

ଈଶ୍ୱରଙ୍କ ବାକ୍ୟ ଶ୍ରୋତାମାନେ ପରିତ୍ରାଣ ପାଇବେ ନାହିଁ, ବରଂ ତାହାଙ୍କ ବାକ୍ୟ ପାଳନକାରୀମାନେ ପରିତ୍ରାଣ ପାଇବେ । ଅନେକ ଈଶ୍ୱରବାକ୍ୟ ଶ୍ରବଣ କରନ୍ତି, କିନ୍ତୁ ପାଳନ କରନ୍ତି ନାହିଁ । ଏପରି ଲୋକେ ବିଚାରଦିନରେ ବିସ୍ମୟାନ୍ୱିତ ହେବେ । ଆପଣ କି ଈଶ୍ୱରଙ୍କ ବାକ୍ୟ ପାଳନ କରୁଅଛନ୍ତି ।

**ମୂର୍ଖ ଧାର୍ମିକମାନେ ବିସ୍ମିତ ହେବେ :**

"ଅଜ୍ଞାନର ପଥ ତାହାର ନିଜ ଦୃଷ୍ଟିରେ ଯଥାର୍ଥ, .........." (ହିତ ୧୨:୧୫) । "........ମୂର୍ଖମାନଙ୍କ ବଳି ଉତ୍ସର୍ଗ କରିବା ଅପେକ୍ଷା ଶ୍ରବଣାର୍ଥେ ନିକଟବର୍ତ୍ତୀ ହେବାର ଉତ୍ତମ, ଯେଣୁ ସେମାନେ ମନ୍ଦ କର୍ମ କରନ୍ତି ବୋଲି ଜାଣନ୍ତି ନାହିଁ । (ଉପଦେଶକ ୫:୧) ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହତା ଠାରୁ ବଳି ଆଉ କିଛି ବଳି ନାହିଁ । ବାକ୍ୟାନୁଯାୟୀ ଅନୁଷ୍ଠିତ ହେଉନଥିବା ପ୍ରତ୍ୟେକ କାର୍ଯ୍ୟ ବ୍ୟର୍ଥ ।

**ମଣ୍ଡଳୀ ଉପାସନାରେ ରୀତିଗତଭାବେ ଉପସ୍ଥିତ ନ ହେବା ପ୍ରତ୍ୟେକ ବିସ୍ମିତ ହେବେ !**

ମଣ୍ଡଳୀ ଉପାସନାରେ ରୀତିଗତ ଭାବେ ଉପସ୍ଥିତ ନ ହେଲେ, ଦଣ୍ଡିତ ହେବେ ନାହିଁ ବୋଲି ଅନେକ ମନେ କରନ୍ତି ଓ ସେହିପରି ଶିକ୍ଷା ଦିଅନ୍ତି । ଏବ୍ରୀ ୧୦:୨୫-୩୧ ପଦରେ ଉପାସନା ତ୍ୟାଗ କରିବା ଲୋକେ ଦଣ୍ଡିତ ହେବେ ବୋଲି ଜାଣିପାରୁ । ଯେଉଁମାନେ ମଣ୍ଡଳୀକୁ ପ୍ରେମ କରନ୍ତି ନାହିଁ, ସେମାନେ ଜଗତକୁ ପ୍ରେମ କରନ୍ତି, ମଣ୍ଡଳୀକୁ ଅବହେଳା କରିବା ଲୋକେ, ପରମେଶ୍ୱରଙ୍କୁ ଅବହେଳା କରନ୍ତି ।

**ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଆନନ୍ଦିତ ହେବେ :**

ଅକଥନୀୟ ସୁନ୍ଦର ସ୍ୱର୍ଗ ଅନନ୍ତକାଳସ୍ଥାୟୀ, ପରମେଶ୍ୱରଙ୍କ ବାକ୍ୟ ପାଳନକାରୀମାନେ ଅନନ୍ତକାଳ ସେହି ଅନନ୍ତ ନଗରରେ ବାସ କରିବେ । (ପ୍ରକାଶିତ ୨୧ ଓ ୨୨ ପର୍ବ) ଖ୍ରୀଷ୍ଟ ଓ ତାହାଙ୍କ ବାକ୍ୟ ବିପୁଳଭାବେ ଜାଣିବା ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସଂପର୍କ କରନ୍ତୁ ।

**- William Reeves**

❋ ❋ ❋

# ନରକର ସତ୍ୟତା
## (The Truth about Hell)

ମନୁଷ୍ୟମାନଙ୍କ ବିନାଶରେ ଅନିଚ୍ଛୁକ ପରମେଶ୍ୱର, ନରକ ବିଷୟକ ସତ୍ୟତା ଆପଣା ପୁସ୍ତକ ବାଇବଲରେ ବିପୁଳଭାବେ ପ୍ରକାଶିତ କରିଅଛନ୍ତି । (୨ ପିତର ୩:୯) । ନରକ ଏକ ଅସୁନ୍ଦର ସ୍ଥାନ ହେଲେ ସୁଦ୍ଧା, ବାଇବଲ ଲେଖନୀରେ ଏହାର ବର୍ଣ୍ଣନା ଏକ ପ୍ରଧାନ ସ୍ଥାନ ରହିଅଛି । ନରକ ଏକ କାଳ୍ପନିକ ସ୍ଥଳ ନୁହେଁ, ନୂତନ ନିୟମରେ 'ନରକ' ପଦ ବାରଥର ଲିଖିତ ହୋଇଅଛି ଏବଂ ଏଗାରଥର ଏହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି । ଏହି ଭୟଙ୍କର ସ୍ଥାନରେ ପ୍ରବେଶ କଲେ ମନୁଷ୍ୟର ଅବସ୍ଥା ବିଷୟରେ କି କେବେ ଆପଣ ଭାବିଅଛନ୍ତି ? ଅନନ୍ତକାଳ ନିମନ୍ତେ ନରକରେ ନିକ୍ଷିପ୍ତ ହେବା ବିଷୟ କି ଆପଣ କେବେ ବୁଝିବାକୁ ଚେଷ୍ଟା କରିଅଛନ୍ତି ?

ପରମେଶ୍ୱର ଓ ତାହାଙ୍କ ସୁସମାଚାର ଅନାଜ୍ଞାବହମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଶାସ୍ତିର ସ୍ଥାନ ବିଷୟରେ ପରମେଶ୍ୱର ଆପଣା ପୁସ୍ତକ ବାଇବଲରେ ବିପୁଳଭାବେ ବର୍ଣ୍ଣନା କରିଅଛନ୍ତି । (୨ମ ଥେସ ୧:୭-୯)

ବାଇବଲରେ ନରକକୁ ରୂପକ ଓ ସାଙ୍କେତିକ ମାଧ୍ୟମରେ ବର୍ଣ୍ଣନା କଲେ ହେଁ, ପ୍ରକୃତରେ ଏହା ମହା ଭୟଙ୍କର ସ୍ଥଳ ଅଟେ । ଭୟଙ୍କର ବିଷୟଗୁଡ଼ିକ, ଛବିଠାରୁ ପ୍ରକୃତ ବିଷୟ ଅତ୍ୟନ୍ତ ଭୟଙ୍କର ଅଟେ । ନିମ୍ନଲିଖିତ ବାକ୍ୟଗୁଡ଼ିକ ଯତ୍ନ ସହକାରେ ଧ୍ୟାନ କରି, ଆପଣ କେଉଁ ଦିଗରେ ଯାତ୍ରା କରିଅଛନ୍ତି, ଆପଣା ଆପଣାକୁ ପରୀକ୍ଷା କରନ୍ତୁ ।

**ନରକରେ ସଭ୍ୟମାନେ :**

୧) ଶୟତାନ ଓ ତାହାର ଅନୁଚର ଦୂତଗଣ (ମାଥିଉ ୨୫:୪୧)
୨) କୁକୁର, ମାୟାବୀ ଓ ନରଘାତକମନେ (ପ୍ରକାଶିତ ୨୨:୧୫)
୩) ଅଶୁଚି ଓ ଅଧାର୍ମିକମାନେ (ପ୍ରକାଶିତ ୨୨:୧୧)
୪) ଅବହେଳା କରୁଥିବା ଖ୍ରୀଷ୍ଟିୟାନମାନେ (ଏବ୍ରୀ ୨:୨-୩)
୫) ହୃଦୟ କଠିନକାରୀମାନେ (ରୋମୀୟ ୨:୫-୮)
୬) କପଟୀମାନେ (ମାଥିଉ ୨୫:୪୧)

**ନରକର ଶାସ୍ତି :**

ନରକ, ଅନନ୍ତ ଶାସ୍ତିର ସ୍ଥାନ ବୋଲି ବାଇବଲ ଶିକ୍ଷା ଦିଏ ।

୧) ଏହା ଏକ ପ୍ରସ୍ତୁତ କରାଯାଇଥିବା ସ୍ଥାନ । (ମାଥିଉ ୨୫:୪)

୨) ଅଗ୍ନି ଓ ଗନ୍ଧକର ଏକ ହ୍ରଦ (ମାଥିଉ ୨୦:୧୫)

୩) ଏଠାରେ କୀଟ କ୍ଷୟ ପାଏ ନାହିଁ କିମ୍ବା ଅଗ୍ନି ନିର୍ବାପିତ ହୁଏ ନାହିଁ ।

୪) ଘୋର ଅନ୍ଧକାରର ସ୍ଥଳ (ଯିହଦା ୧୩)

୫) ପାତାଳକୁଣ୍ଡ (ପ୍ରକାଶିତ ୨୦:୧)

୬) ପରମେଶ୍ୱରଙ୍କ ସମ୍ମୁଖରୁ ବିତାଡ଼ିତ ମାନଙ୍କ ସ୍ଥାନ (୨ ଥେସ ୧:୭,୯)

୭) ଏହା ଏକ ବନ୍ଦୀଶାଳା (୨ ପିତର ୨:୪)

**ନରକ ଯନ୍ତ୍ରଣା :**

ନରକ, ଅନନ୍ତ ଯନ୍ତ୍ରଣାର ସ୍ଥାନ ବୋଲି ବାଇବଲ ସୁସ୍ପଷ୍ଟ କରେ ।

୧) ବାଇବଲ ପ୍ରାର୍ଥନା ସ୍ଥାନ (ଲୁକ ୧୬:୨୪)

୨) ବିଶ୍ରାମ ନଥିବା ସ୍ଥାନ (ପ୍ରକାଶିତ ୧୪:୧୧)

୩) ରୋଦନ ଓ ଦନ୍ତ କିଡ଼ିମିଡ଼ିର ସ୍ଥାନ (ମାଥିଉ ୮:୧୨)

୪) ଘୋର ଅନ୍ଧକାରର ସ୍ଥାନ (ମାଥିଉ ୮:୧୨)

୫) ଯୁଗେ ଯୁଗେ ଯନ୍ତ୍ରଣା ଭୋଗିବାର ସ୍ଥାନ (ପ୍ରକାଶିତ ୨୦:୧୦)

୬) ଅଗ୍ନି ଓ ଗନ୍ଧକ ସଦା ପ୍ରଜ୍ୱଳିତ ହେଉଥିବାର ସ୍ଥାନ (ପ୍ରକାଶିତ ୧୯:୨୦)

**ନରକ ଅନନ୍ତକାଳ ସ୍ଥାୟୀ :**

ନରକରେ ପ୍ରବେଶକାରୀମାନେ ପ୍ରତ୍ୟେକେ ସେଠାରେ ନିତ୍ୟସ୍ଥାୟୀ ବାସ କରିବେ ।

୧) ଅନନ୍ତ ଶାସ୍ତିର ସ୍ଥାନ (୨ ଥେସ ୧:୯)

୨) ଦିବାରାତ୍ର ଯୁଗେ ଯୁଗେ ଯନ୍ତ୍ରଣା ଭୋଗିବାର ସ୍ଥାନ (ପ୍ରକାଶିତ ୨୦:୧୦)

୩) ‘‘ଏପରି ଲୋକମାନଙ୍କ ଯନ୍ତ୍ରଣାର ଧୂପ ଯୁଗେ ଯୁଗେ ଉଠୁଥିବ (ପ୍ରକାଶିତ ୧୪:୮-୧୧)

୪) ନରକ, ସ୍ୱର୍ଗ ସଦୃଶ୍ୟ ନିତ୍ୟସ୍ଥାୟୀ ଅଟେ । (ମାଥିଉ ୨୫:୪୬)

**ଆମ୍ଭମାନଙ୍କ ଅନୁରୋଧ :**

ମନୁଷ୍ୟ ବିନାଶର ଅନିଚ୍ଛୁକ ପରମେଶ୍ୱର, ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (ଯୋହନ ୩:୧୬) । ପ୍ରେମମୟ ପରମେଶ୍ୱର

(୧ମ ଯୋହନ ୪:୮) ନ୍ୟାୟବାନ ଅଟନ୍ତି । ପାପର ବେତନ ମୃତ୍ୟୁ (ରୋମୀୟ ୬:୨୩) । ଯେଉଁମାନେ ତାହାଙ୍କ ପୁତ୍ରଙ୍କୁ ଅଗ୍ରାହ୍ୟ କରନ୍ତି ପରମେଶ୍ୱର କିପରି ଆପଣା ସନ୍ତାନମାନଙ୍କୁ ଅନନ୍ତ ନରକରେ ନିକ୍ଷିପ୍ତ କରିବେ ବୋଲି ଅନେକ ପ୍ରଶ୍ନ କରନ୍ତି । କିନ୍ତୁ ଏହା ମନୁଷ୍ୟର ଅନାଜ୍ଞାବହତା ଓ ମନୁଷ୍ୟ ଅବିଶ୍ବସ୍ତତା ମନୁଷ୍ୟକୁ ପରମେଶ୍ୱରଙ୍କ ଠାରୁ ଦୂରେଇ ନେଇ ନରକରେ ନିକ୍ଷିପ୍ତ କରେ । ଆମ୍ଭମାନଙ୍କ ସ୍ୱର୍ଗୀୟ ପ୍ରେମମୟ ପିତା ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆପଣା ପ୍ରିୟପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଥିଲେ । ତାହାଙ୍କ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ହୋଇ, ତାହାଙ୍କ ସହିତ ଅନନ୍ତ କାଳ ଜୀବନଯାପନ ବିତାଇବା ନିମନ୍ତେ ସୁଯୋଗ ପାଇଥାଉଁ । ଯେଉଁମାନେ ତାହାଙ୍କ ପ୍ରେମ ଅନୁଗ୍ରହ ତୁଚ୍ଛ ମଣନ୍ତି, ସେମାନେ ନରକଯୋଗ୍ୟ ଅଟନ୍ତି । ପରମେଶ୍ୱର ମନୁଷ୍ୟମାନଙ୍କୁ ନରକରେ ନିକ୍ଷେପିତ କରନ୍ତି ନାହିଁ । କିନ୍ତୁ ମନୁଷ୍ୟ ଆପଣା କୁକର୍ମଦ୍ୱାରା ଆପଣାକୁ ବିନାଶ କରେ । ପ୍ରେମମୟ ପିତା କିପରି ଆପଣା ସନ୍ତାନମାନଙ୍କୁ ଯନ୍ତ୍ରଣା ସ୍ଥାନକୁ ପ୍ରେରଣ କରିବେ ବୋଲି ଅନେକ ପ୍ରଶ୍ନ କରିଥାନ୍ତି । କିନ୍ତୁ ଆପଣା ମୂର୍ଖାମୀ ଓ ଅନାଜ୍ଞାବହତା ସକାଶୁ ମନୁଷ୍ୟ ବିନଷ୍ଟ ହୁଏ, କିନ୍ତୁ ପରମେଶ୍ୱର ସେଥିନିମନ୍ତେ ଦୋଷୀ ନୁଅନ୍ତି । ଆମ୍ଭମାନଙ୍କ ପ୍ରେମମୟ ସ୍ୱର୍ଗୀୟ ପିତା ପ୍ରତ୍ୟେକ ମନୁଷ୍ୟର ପାପମୋଚନ ନିମନ୍ତେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିଅଛନ୍ତି । ସେ ଆମ୍ଭମାନଙ୍କ ନିତ୍ୟ ଜୀବନର ଆଧାର ଅଟନ୍ତି । ଯେଉଁମାନେ ତାହାଙ୍କ ପ୍ରେମ ଉପେକ୍ଷା କରନ୍ତି । ସେମାନେ ନିତ୍ୟ ବିନାଶ ଯୋଗ୍ୟ ।

ପରମେଶ୍ୱର ମନୁଷ୍ୟକୁ ନରକରେ ନିକ୍ଷିପ୍ତ କରନ୍ତି ନାହିଁ । କିନ୍ତୁ ଆପଣା ପାପ ଓ ଅନାଜ୍ଞାବହତା ସକାଶୁ ମନୁଷ୍ୟ ଅନନ୍ତ ଶାସ୍ତି ଭୋଗ କରିବ ।

ବିଶାଳତାରେ ନରକ ଏକ ଅଗ୍ନିର ହ୍ରଦ । (ପ୍ରକାଶିତ ୨୦:୧୦,୧୪) ମାଥିଉ ୧୩:୪୨ ପଦନୁଯାୟୀ ଏହା ଏକ ଅଗ୍ନିକୁଣ୍ଡ । ଅନେକଙ୍କ ମତାନୁଯାୟୀ ସମାଧି ହିଁ ନରକ, କିନ୍ତୁ ନରକ କେବଳ ସମାଧି ନୁହେଁ କିନ୍ତୁ ଅନନ୍ତ ଯନ୍ତ୍ରଣାର ସ୍ଥାନ । ନରକ ଏକ କୌତୁକର ବିଷୟ ରୂପେ ଶୟତାନ ମନୁଷ୍ୟମାନଙ୍କ ନିକଟରେ ଉପସ୍ଥାପିତ କରେ । ଯେଉଁମାନେ ସତ୍ୟର ଆଜ୍ଞାବହ ନୁଅଁନ୍ତି, ସେମାନଙ୍କୁ ପ୍ରେରିତ ପାଉଲ ସତର୍କ କରି କହନ୍ତି,''..........ଯେଉଁମାନେ ସ୍ୱାର୍ଥପର ପୁଣି ସତ୍ୟର ଅନାଜ୍ଞାବହ, ମାତ୍ର ଅଧାର୍ମିକତାର ଆଜ୍ଞାବହ, ସେମାନଙ୍କ ପ୍ରତି କ୍ରୋଧ ଓ କୋପ ଘଟିବ ।'' (ରୋମୀୟ ୨:୮) । ବିଚାର ଦିନରେ ପ୍ରଭୁ ଆପଣାର ବାମପାର୍ଶ୍ୱର ଲୋକମାନଙ୍କୁ କହିବେ,''ରେ

ଶାପଗ୍ରସ୍ତମାନେ, ମୋ' ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର ......'' (ମାଥିଉ ୨୫:୪୧) ସେହି ଯନ୍ତ୍ରଣାର ଉପଶମ ନିମନ୍ତେ କୌଣସି ମଲମ ନାହିଁ, କିମ୍ଵା ସୁଖମୟ ଦିବସର ପ୍ରତିଜ୍ଞା ରହିବ ନାହିଁ ।

ବିନଷ୍ଟ ହେବା ଲୋକେ ଅନେକ ବିଷୟ ହରାଇବେ । ମହିମାମୟ ପାରଦୀଶ, ସୌନ୍ଦର୍ଯ୍ୟମୟ ସ୍ଵର୍ଗ, ପରମେଶ୍ଵରଙ୍କ ଅପାର ପ୍ରେମ, ଯୁଗାନୁଯୁଗ ଧାର୍ମିକମାନଙ୍କ ସହଭାଗୀତା ଏବଂ ଆପଣା ସନ୍ତାନମାନଙ୍କ ନିମନ୍ତେ ପରମେଶ୍ଵରଙ୍କ ଦ୍ଵାରା ସଞ୍ଚିତ ଆନନ୍ଦ ଏହି ସମସ୍ତ ଅନାଜ୍ଞାବହମାନେ ହରାଇବେ ।

ନରକ ଯନ୍ତ୍ରଣାରୁ ମୁକ୍ତ, ଆନନ୍ଦଗୃହ ରୂପ ସ୍ଵର୍ଗରେ ନିତ୍ୟ ନିବାସୀ ହେବା ନିମନ୍ତେ ଆପଣାଙ୍କୁ ସାହାଯ୍ୟ କରିବାରେ ଆମ୍ଭେମାନେ ସଦା ପ୍ରସ୍ତୁତ । ଖ୍ରୀଷ୍ଟଙ୍କ ମଣ୍ଡଳୀର ଆରାଧନା ଓ ସହଭାଗୀତାକୁ ଆପଣଙ୍କୁ ଆମେ ସ୍ଵାଗତ ଜଣାଉଅଛୁ । ଜୀବନ୍ତ ପରମେଶ୍ଵରଙ୍କ ହସ୍ତରେ ପଡ଼ିବା କେତେ ଭୟଙ୍କର । ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ନହେବା ନିମନ୍ତେ, ଆସ ଆମ୍ଭେମାନେ ଆଜିଠାରୁ ଆପଣା ବିଷୟରେ ଯତ୍ନ ନେଉଁ ।

**- Mac Layton**

❋❋❋

# ମଣ୍ଡଳୀର ବାହାରେ ମନୁଷ୍ୟ କି ପରିତ୍ରାଣ ପାଇପାରେ ?
## (Can one be saved outside the Church ?)

ଅନେକ ଭକ୍ତ, ଧାର୍ମିକ ଓ ଖ୍ରୀଷ୍ଟବିଶ୍ଵାସୀମାନେ ମଣ୍ଡଳୀ ବିଶେଷତା ବୁଝିପାରିନାହାନ୍ତି । ପରିତ୍ରାଣ ପ୍ରାପ୍ତ ହେବା ପରେ ମନୁଷ୍ୟ ଆପଣା ଇଚ୍ଛାମତ ମଣ୍ଡଳୀରେ ଯୋଗଦାନ କରନ୍ତି ବୋଲି ସେମାନଙ୍କ ମନୋଭାବ । ଅନେକ ଉତ୍ତମ ଭଦ୍ରବ୍ୟକ୍ତିମାନେ ମଣ୍ଡଳୀର ସଭ୍ୟତ୍ଵ ବିଶେଷ ମଣନ୍ତି ନାହିଁ । ଏହି ବିଷୟରେ ବାଇବଲ କଅଣ କହେ ?

ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ପିତା ଅଟନ୍ତି । ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଏହି ଜଗତରେ ପ୍ରେରଣ କଲେ । ତାହାଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା (ଯୋହନ ୧୨:୪୮) । ଅନନ୍ତ ଜୀବନ ପ୍ରାପ୍ତି ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ପାଳନ କରିବା ଅତ୍ୟାବଶ୍ୟକ । ପ୍ରଭୁ ଯୀଶୁ କହିଲେ,"ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତ ଛଡ଼ାଇଲୁ ନାହିଁ ? ଆଉ, ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ସେ ସେମାନଙ୍କୁ ସ୍ପଷ୍ଟ ରୂପେ କହିବେ, ମୁଁ ତୁମ୍ଭମାନଙ୍କୁ କେବେହେଁ ଜାଣି ନାହିଁ । ହେ ଅଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।" (ମାଥିଉ ୭:୨୧-୨୩)

ମନୁଷ୍ୟ ସ୍ଥାପିତ ନିୟମ କିଅବା ମନୁଷ୍ୟ ସ୍ଥାପିତ ମଣ୍ଡଳୀ ମନୁଷ୍ୟକୁ ପରିତ୍ରାଣ ଦେଇପାରେ ନାହିଁ, କାରଣ ଯୀଶୁଖ୍ରୀଷ୍ଟ ପରମେଶ୍ୱର ନିକଟକୁ ଏକମାତ୍ର ମାର୍ଗ ଅଟନ୍ତି । (ଯୋହନ ୧୪:୬) ତେଣୁକରି ତାହାଙ୍କ ଆଜ୍ଞା ଆମ୍ଭମାନଙ୍କ ଶିରୋଧାର୍ଯ୍ୟ । ଯେଉଁ ମଣ୍ଡଳୀଗୁଡ଼ିକ ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ନ ହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା, ତାହା ବିଷୟରେ ପ୍ରଭୁ କଅଣ କହନ୍ତି ? ବାକ୍ୟରୁ ବିଶ୍ଳେଷଣ କରି ଦେଖିବା :

ଯୀଶୁ କହିଲେ,"ମୋହର ସ୍ୱର୍ଗସ୍ଥ ପିତା ଯେଉଁ ସବୁ ବୃକ୍ଷରୋପଣ କରି ନାହାନ୍ତି, ସେସବୁ ଉତ୍ପାଟିତ ହେବ ।" (ମାଥିଉ ୧୫:୧୩) । ଯେଉଁ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା, ତାହାର ସଭ୍ୟତା ଗ୍ରହଣ କରିବା ନିମନ୍ତେ ଆମ୍ଭେମାନେ ପ୍ରତ୍ୟେକ ସ୍ତ୍ରୀ, ପୁରୁଷଙ୍କୁ ଉତ୍ସାହିତ କରୁ । ଏହି ମଣ୍ଡଳୀ ନିମନ୍ତେ ପ୍ରଭୁ ଆପଣା ପ୍ରାଣ ଉତ୍ସର୍ଗ କରିଥିଲେ, ଏହି ମଣ୍ଡଳୀକୁ ସେ ରକ୍ଷା କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ସକଳ ପାଳନକାରୀ ପ୍ରତ୍ୟେକେ ସେହି ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କ ଠାରେ ଆପଣା ପାପ ସ୍ୱୀକାର କରିବା ପ୍ରତ୍ୟେକକୁ ଖ୍ରୀଷ୍ଟ ଆପଣା

ମଣ୍ଡଳୀରେ ସଂଯୁକ୍ତ କରନ୍ତି । (ପ୍ରେରିତ ୨:୩୮, ୪୧,୪୭)

ମଣ୍ଡଳୀ ବିଷୟରେ ବାକ୍ୟ କଅଣ କହେ ? ମାଥିଉ ୧୬:୧୩-୧୯ ପଦଗୁଡ଼ିକରେ ପ୍ରଭୁ ଓ ତାହାଙ୍କ ଶିଷ୍ୟମାନଙ୍କ ଏକ ସମ୍ଭାଷଣ ଲିଖିତ ହୋଇଅଛି । ପ୍ରଭୁ ଆପଣା ଶିଷ୍ୟମାନଙ୍କ, ‘‘ମନୁଷ୍ୟପୁତ୍ର କିଏ ବୋଲି ଲୋକେ କଅଣ କହନ୍ତି ?’’ ବୋଲି ଯୀଶୁଙ୍କର ଏହି ପ୍ରଶ୍ନର ଉତ୍ତର ଶିଷ୍ୟମାନଙ୍କ ଠାରୁ ଅନେକ ଭାବେ ପାଇଥିଲେ । ଯୀଶୁ ପୁନର୍ବାର ପଚାରିଲେ, ‘‘କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କଅଣ କହୁଅଛ ?’’ ଶିମୋନ ପିତର ଉତ୍ତର ଦେଲେ,‘‘ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।’’ ପୁରାତନ ନିୟମର ଭାବବାଦୀମାନେ ଯେଉଁ ମଶୀହ ବିଷୟରେ ଭାବବାଣୀ ପ୍ରକଟ କରିଥିଲେ, ସେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଅଟନ୍ତି । ସେ ଯିଶାଇୟ ଭାବବାଦୀ ୭:୧୪ ପ୍ରକଟନୁଯାୟୀ ମରିୟମ ନାମ୍ନୀ କନ୍ୟାଙ୍କ ଗର୍ଭରୁ ଜାତ ହୋଇଥିଲେ । (ମାଥିଉ ୧:୧୮-୨୩) ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଜୀବନ ଅସାଧାରଣ ଥିଲା । ସେ ମନୁଷ୍ୟ ଶରୀରଧାରୀ ଈଶ୍ୱର ଥିଲେ । ସେ ମନୁଷ୍ୟ ତଥା ଈଶ୍ୱର ଥିଲେ । (ଯୋହନ ୧:୧-୩,୧୪) ତାହାଙ୍କୁ ସମସ୍ତ ଅଧିକାରୀ ଦତ୍ତ ହୋଇଥିବାରୁ ମଣ୍ଡଳୀ ସ୍ଥାପନ କରିବାର ଅଧିକାର ମଧ୍ୟ ତାହାଙ୍କ ଅଧିକୃତ କିନ୍ତୁ ମନୁଷ୍ୟର ନାହିଁ । ତାହାଙ୍କ ଆଗମନ ସମୟରେ ତାହାଙ୍କ ଦ୍ୱାରା ସ୍ଥାପିତ ହୋଇନଥିବା ମଣ୍ଡଳୀଗୁଡ଼ିକ ଉତ୍ପାଟିତ ହେବ । (ମାଥିଉ ୧୫:୧୩)

ଯୀଶୁ ପିତରଙ୍କୁ ଉତ୍ତର ଦେଇ କହିଲେ, ‘‘ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର ପୁଣି ଏହି ପଥର ଉପରେ, ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।’’ ପିତର ବ୍ୟକ୍ତ ମହାନ ସତ୍ୟତା ଉପରେ ଖ୍ରୀଷ୍ଟ ଆପଣା ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ । (୧ମ କରିନ୍ଥୀ ୩:୧୧) ଖ୍ରୀଷ୍ଟ, ମଣ୍ଡଳୀର ସ୍ଥାପନକର୍ତ୍ତା ଅଟନ୍ତି, ମଣ୍ଡଳୀ ଖ୍ରୀଷ୍ଟଙ୍କର ଅଟେ । ସେ ମଣ୍ଡଳୀଗୁଡ଼ିକ ତୋଳିବି ବୋଲି ପ୍ରତିଶ୍ରୁତି ନଦେଇ, ମୁଁ ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ ତାହାଙ୍କ ପ୍ରତିଜ୍ଞାନୁଯାୟୀ ସେ ଏକମାତ୍ର ମଣ୍ଡଳୀ ତୋଳିଥିଲେ ।

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶରେ ହତ ହୋଇ, ସମାଧିପ୍ରାପ୍ତ ହୋଇ, ତୃତୀୟ ଦିନରେ ପୁନଃରୁଥିତ ହୋଇଥିଲେ । ତାହାଙ୍କ ପୁନଃରୁଥାନ ୪୦

ଦିନ ପର୍ଯ୍ୟନ୍ତ ଆପଣା ଶିଷ୍ୟମାନଙ୍କ ସହିତ ସମୟ କ୍ଷେପଣ କରି, ମଣ୍ଡଳୀ ସମ୍ବନ୍ଧୀୟ ନିୟମାବଳୀ ସେମାନଙ୍କୁ ଶିକ୍ଷା ଦେଇ, ସ୍ୱର୍ଗାରୁଢ଼ ହେଲେ । ଶିଷ୍ୟମାନେ ଯିରୁଶାଲମକୁ ଫେରିଯାଇ ଖ୍ରୀଷ୍ଟଙ୍କ ଆଜ୍ଞାନୁସାରେ, ଶକ୍ତି ପ୍ରାପ୍ତ ହେବା ନିମନ୍ତେ ସେଠାରେ ଅପେକ୍ଷା କଲେ । ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ସେମାନେ ଶକ୍ତିପ୍ରାପ୍ତ ହେଲେ । ସେଦିନ ସେଠାରେ ଉପସ୍ଥିତ ଯିହୂଦୀମାନଙ୍କୁ ପିତର ଏକ ହୃଦୟସ୍ପର୍ଶୀ ପ୍ରସଙ୍ଗ ଦ୍ୱାରା ମୋହିତ କରିଥିଲେ । ତାହାଙ୍କ ପ୍ରସଙ୍ଗ ଶ୍ରବଣକାରୀମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ମାନଙ୍କୁ କହିଲେ, ''ଭାଇମାନେ, ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।'' .........ଆନନ୍ଦରେ ଯେଉଁମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରି ବାପ୍ତିଜିତ ହେଲେ, ସେମାନେ ମଣ୍ଡଳୀରେ ସଂଯୁକ୍ତ କରାଗଲେ । ଏସବୁ ଘଟଣାବଳୀ ଆମ୍ଭେମାନେ ପ୍ରେରିତ ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ପଢ଼ିପାରୁ ।

ପେଣ୍ଟିକଷ୍ଟ ଦିନରେ ପିତରଙ୍କ ବାର୍ତ୍ତାର ଆଜ୍ଞାବହମାନେ ଯେପରି ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ, ଆଜି ମଧ୍ୟ ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନରେ ସେହି ଆଶୀଷ ସକଳର ସହଭାଗୀ ହୋଇପାରିବା । ସେହି ପ୍ରଭୁଙ୍କ ଦ୍ୱାରା ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇପାରିବା । ପରମେଶ୍ୱରଙ୍କ ବାକ୍ୟ ଅନନ୍ତ କାଳୀନ ବୀଜ ଅଟେ । (ଲୂକ ୮:୧୧) ମତଶାଖା ମଣ୍ଡଳୀମାନଙ୍କ ସହିତ ସଂଯୁକ୍ତ କରା ନ ଗଲେ ସୁଧା ଜଣେ ଖ୍ରୀଷ୍ଟିୟାନ ହୋଇପାରିବ, ଏବଂ ପରିତ୍ରାଣପ୍ରାପ୍ତ ହୋଇପାରିବ । କାରଣ ପାପକ୍ଷମା ପ୍ରାପ୍ତି ନିମନ୍ତେ ପ୍ରଭୁ, ମନୁଷ୍ୟଙ୍କୁ ଦେଇଥିବା ସର୍ତ୍ତସବୁ ପାଳନ କରିବା ଦ୍ୱାରା ମନୁଷ୍ୟ ପରିତ୍ରାଣପ୍ରାପ୍ତ ହୁଏ । ତାହାଙ୍କ ବାକ୍ୟପାଳନକାରୀମାନେ କୌଣସି ମଣ୍ଡଳୀରେ ଯୋଗଦାନ କରିବାକୁ ଆବଶ୍ୟକ ହେବେ ନାହିଁ, କାରଣ ପ୍ରଭୁ ସେମାନଙ୍କୁ ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ ।

ଏଫିସୀ ୧୬:୨୨,୨୩ ପଦ ମଣ୍ଡଳୀ ବିଷୟରେ କହେ,''ଆଉ ସମସ୍ତ ବିଷୟ ତାହାଙ୍କ ପାଦ ତଳେ ବଶୀଭୂତ କରି ରଖି ତାହାଙ୍କୁ ସର୍ବବିଷୟର ମସ୍ତକ ରୂପେ ମଣ୍ଡ ଳୀକୁ

ଦାନ କଲେ । ସେହି ମଣ୍ଡଳୀ ତାହାଙ୍କ ଶରୀର ସ୍ୱରୂପ, ଅର୍ଥାତ୍ ସେ ସମସ୍ତ ବିଷୟକୁ ସର୍ବୋତଭାବରେ ପୂର୍ଣ୍ଣ କରନ୍ତି ତାହାଙ୍କର ପୂର୍ଣ୍ଣତା ।'' ମଣ୍ଡଳୀର ମସ୍ତକସ୍ୱରୂପ ପିତା ପରମେଶ୍ୱର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ନିଯୁକ୍ତ କରିଅଛନ୍ତି ମସ୍ତକବିନା ଶରୀର ଯେପରି ମୃତ ଓ ଶରୀର ବିନା ମସ୍ତକ ଯେପରି ମୃତ, ସେହିପରି ମଣ୍ଡଳୀରୂପ ଶରୀରକୁ କେହି ମସ୍ତକରୂପ ଖ୍ରୀଷ୍ଟଙ୍କ ଠାରୁ ବିଚ୍ଛିନ୍ନ କରିନପାରେ । ଅତଏବ ମଣ୍ଡଳୀ ଖ୍ରୀଷ୍ଟଙ୍କର ଅଟେ ।

ଏଫସୀ ୪:୪-୬ ପଦ କହେ,'' ଏକ ଶରୀର ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ ଆହୂତି ହୋଇଅଛ । ଏକ ପ୍ରଭୁ, ଏକ ବିଶ୍ୱାସ, ଏକ ବାପ୍ତିସ୍ମ, ସମସ୍ତଙ୍କ ଏକ ଈଶ୍ୱର ଓ ପିତା, ସେ ସମସ୍ତଙ୍କ ଉପରେ, ସମସ୍ତଙ୍କ ମଧରେ ଏବଂ ସମସ୍ତଙ୍କ ଅନ୍ତରରେ ଅଛନ୍ତି ।'' କେତୋଟି ପଭୁ ଅଛନ୍ତି ? - ଏକମାତ୍ର ! କେତୋଟି ତ୍ରାଣକର୍ତ୍ତା ଅଛନ୍ତି ? - ଏକମାତ୍ର ! କେତୋଟି ପବିତ୍ର ଆତ୍ମା ? - ଏକମାତ୍ର ! କେତୋଟି ଭରସା ? - ଏକମାତ୍ର ! କେତୋଟି ଆହ୍ୱାନ ? - ଏକମାତ୍ର ! କେତୋଟି ବିଶ୍ୱାସ ? - ଏକମାତ୍ର ! କେତୋଟି ବାପ୍ତିସ୍ମ ? - ଏକମାତ୍ର ! କେତୋଟି ମଣ୍ଡଳୀ ? - ଏକମାତ୍ର ! ପାଉଲଙ୍କ ଅନୁଯାୟୀ ଖ୍ରୀଷ୍ଟଙ୍କ ଏକମାତ୍ର ଶରୀର ତାହାଙ୍କ ମଣ୍ଡଳୀ ଅଟେ । ଏକ ଶରୀର ଅର୍ଥାତ୍ ଏକ ମଣ୍ଡଳୀ, ତାହା ଖ୍ରୀଷ୍ଟଙ୍କ ମଣ୍ଡଳୀ ।

ଏଫିସୀ ୫:୨୩ ଅନୁଯାୟୀ, ''କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀ ମସ୍ତକସ୍ୱରୂପ, ସ୍ୱାମୀ ମଧ ସେହିପରି ସ୍ତ୍ରୀର ମସ୍ତକସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।'' ଖ୍ରୀଷ୍ଟ କାହାର ତ୍ରାଣକର୍ତ୍ତା ଅଟନ୍ତି ? ଏକମାତ୍ର ଶରୀରର ଏକମାତ୍ର ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟ ଅଟନ୍ତି । ଏହା ମୋହର ମନୋଭାବ ନୁହେଁ, ଏହା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ଓ ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଲିଖିତ ନୂତନ ନିୟମର ଶିକ୍ଷା ଅଟେ ।

ମଣ୍ଡଳୀର ପ୍ରାଧାନ୍ୟତା ବିଷୟରେ ବାକ୍ୟ କହେ, ''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷସ୍ୱରୂପ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ

ସାବଧାନ ଥାଅ ।'' (ପ୍ରେରିତ ୨:୨୮) ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ଏବଂ ଖ୍ରୀଷ୍ଟ ତାହାର ତ୍ରାଣକର୍ତ୍ତା ଅଟନ୍ତି । ପରିତ୍ରାଣ ପ୍ରାପ୍ତ ହେବା ବ୍ୟକ୍ତିମାନଙ୍କୁ ପ୍ରଭୁ ମଣ୍ଡଳୀରେ ସଂଯୁକ୍ତ କରନ୍ତି । ମନୁଷ୍ୟ ସ୍ଥାପିତ ମଣ୍ଡଳୀସମୂହ ଉତ୍ପାଟିତ ହେବେ ।

ପ୍ରିୟ ବନ୍ଧୁ, ଆପଣ ଯଦି ସତ୍ୟ ପ୍ରେମ କରେ ଯୀଶୁଖ୍ରୀଷ୍ଟଙ୍କ ଅନୁଚାରୀ ହେବାକୁ ଇଚ୍ଛୁକ, ତେବେ ଆପଣ ନିଶ୍ଚିତ ଭାବେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଯୋଗଦେବାକୁ ଇଚ୍ଛା କରିବେ । ଯେଉଁ ପ୍ରଭୁ ଆପଣଙ୍କ ପାପ ନିମନ୍ତେ କ୍ରୁଶରେ ହତ ହୋଇଥିଲେ (ମାର୍କ ୧୬:୧୬, ଯୋହନ ୮:୨୪) ତାହାଙ୍କ ଠାରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି (ଲୁକ ୧୩:୩, ପ୍ରେରିତ ୨:୩୮) ଈଶ୍ୱରଙ୍କ ଏକମାତ୍ର ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ସ୍ୱୀକାର କରି, ଖ୍ରୀଷ୍ଟଙ୍କ ଠାରେ ବାପ୍ତିସ୍ମ ଗ୍ରହଣ କରନ୍ତି (ମାର୍କ ୧୬:୧୬, ରୋମ ୬:୩,୪) ସେମାନଙ୍କୁ ପ୍ରଭୁ ଆପଣା ମଣ୍ଡଳୀରେ ସଂଯୁକ୍ତ କରନ୍ତି । (ପ୍ରେରିତ ୨:୪୭, ୧ମ କରନ୍ଥୀ ୧୨:୧୩) ବାଇବଲରେ ବର୍ଣ୍ଣିତ ଏକମାତ୍ର ମଣ୍ଡଳୀରେ, ସୁସମାଚାର ଆଜ୍ଞାବହ ହୋଇ ସଂଯୁକ୍ତ ହୁଅନ୍ତୁ ।

**- Rod Rutherford**


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Sri Lanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର     ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*



**Edited & Published by : Kabita & Joshua Gootam**

# THE FOUR GOSPELS

Many readers of the New Testament wonder why it contains four different Gospels (accounts) of the one authentic gospel (the good news of salvation in Jesus Christ). Perhaps the main reason is that any one of these Gospels alone would not do justice to Jesus' life and ministry. Each Gospel writer wrote about Jesus to a different audience for a different purpose to give a unique perspective on His life. Together, the four Gospels give us a complete picture of who Jesus was and what He accomplished during His Ministry. Different symbols for the Gospels are often used to communicate the distinetives of each account. A line, symbolizing Matthew, represents strength and royal authority bull, representing Mark, portrays service and power; the figure of a man, for Luek, stands for wisdom and character; and an eagle, John's symbol, represents deity. The following capsule summaries of the Gospels should help you understand the distinctives of each.

## MATTHEW

-Written to a Jewish audiences to show that Jesus was the promised Messiah of Old Testment prophecy; key

expression is "that it might be fulfilled"; quotes more from the Old Testment than any other Gospel.

-Uses alternating sections of didactic and narrative material to emphasize Jesus as Teacher.

-A major theme is the kingdom of heaven or the kingdom of God-God's rule in the world and human hearts.

-Other dominant themes are the church (16:18;18:19),the second Coming of Jesus (ch.25), and the ethical teachings of Jesus (chs.5-7).

to be continued

***Printed Book Only***

From:

**SATYA VANI**

**P.O. Box 80,**

**Kakinada - 533 001**

**To**

(FOR PRIVATE CRICULATION ONLY)